# NATIONAL NEWS BULLETIN (ODIA)

## 11 January - 2025

## Evening Bulletin : 7.15 P.M.

***********************************

## ମୁଖ୍ୟ ସମ୍ବାଦ

- ଜାତୀୟ ଯୁବ ଦିବସ ଅବସରରେ ଆସନ୍ତାକାଲି ନୂଆଦିଲ୍ଲୀରେ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପରେ ଯୋଗଦେବେ ପ୍ରଧାନମନ୍ତ୍ରୀ ।
- ଦେଶରେ ନିଶା ବିରୋଧୀ ଅଭିଯାନକୁ ସଫଳ କରିବା ଲାଗି କେନ୍ଦ୍ର ସରକାରଙ୍କ ସହିତ ମିଳିତ ପ୍ରଚେଷ୍ଟା କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ଆହ୍ୱାନ ଦେଲେ, ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ସେମିକଣ୍ଡକ୍ଟରର ବିକାଶ ଲାଗି ମହାରାଷ୍ଟ୍ରରେ ସ୍ଥାପନ କରାଯିବ ଇଲେକ୍ଟ୍ରୋନିକ୍ କ୍ଲଷ୍ଟର୍ ।
- ଭାରତ-ଶ୍ରୀଲଙ୍କା ଭାଗିଦାରୀର ପ୍ରଥମ ଉଚ୍ଚସ୍ତରୀୟ ରାଉଣ୍ଡଟେବୁଲ୍ ବୈଠକ କଲମ୍ବୋରେ ଆୟୋଜିତ ।

ଏବଂ

- ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଲେ ଭାରତର ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ୍ ସେଟ୍ଟୀଙ୍କ ଯୋଡ଼ି ।

# ପିଏମ୍-ୟଙ୍ଗ ଲିଡର୍ସ ଡାଏଲଗ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଥିବା ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପରେ ଆସନ୍ତାକାଲି ଯୋଗଦେବେ । ଆସନ୍ତାକାଲି ଜାତୀୟ ଯୁବଦିବସରେ ଶ୍ରୀ ମୋଦୀ ଦେଶର ୩ ହଜାର ଯୁବନେତୃତ୍ୱଙ୍କ ସହ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ଆଜି ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼ସେଙ୍କ ଦ୍ୱାରା ଜାତୀୟ ଯୁବ ମହୋତ୍ସବ ୨୦୨୫ ଏବଂ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ସମ୍ପର୍କରେ ଲିଖିତ ଏକ ଲେଖାକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରି କହିଛନ୍ତି, ଦେଶର ବିକାଶ ଯାତ୍ରାରେ ଯୁବବର୍ଗଙ୍କୁ ସାମିଲ କରିବା ଦିଗରେ ଏହି ସମ୍ମିଳନୀ ଏକ ଅଭିନବ ପଦକ୍ଷେପ । ବିକଶିତ ଭାରତ ସ୍ୱପ୍ନକୁ ସାକାର କରିବା ଲାଗି ଯୁବବର୍ଗଙ୍କ ମଧ୍ୟରେ ଶକ୍ତି, ନବସୃଜନତା ଏବଂ ନେତୃତ୍ୱ ନେବାର ପ୍ରତିଭାକୁ ବିକଶିତ କରାଇବା ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ।

ଏହି ବାର୍ତ୍ତାଳାପରେ ୧୦ଟି ପ୍ରମୁଖ ବିଷୟବସ୍ତୁ ଉପରେ ପ୍ରତିଯୋଗିମାନେ ଲେଖିଥିବା ଶ୍ରେଷ୍ଠ ପ୍ରବନ୍ଧଗୁଡ଼ିକର ସଂକଳନକୁ ମଧ୍ୟ ଶ୍ରୀ ମୋଦୀ ଉନ୍ମୋଚନ କରିବେ । ଏହି ବିଷୟଗୁଡ଼ିକ ମଧ୍ୟରେ ପ୍ରଯୁକ୍ତିବିଦ୍ୟା, ମହିଳା ସଶକ୍ତିକରଣ, କୃଷି ଓ କୃଷି ଭିତ୍ତିକ ଉତ୍ପାଦନ ବୃଦ୍ଧି ସମ୍ବନ୍ଧୀୟ ରଚନାଗୁଡ଼ିକ ରହିଛି ।

ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ଶାସନ ବ୍ୟବସ୍ଥା ଓ ଯୁବପିଢ଼ିର ଆଶା ଏବଂ ଆକାଂକ୍ଷା ମଧ୍ୟରେ ଥିବା ଦାୟିତ୍ୱବୋଧ ଭାବନାକୁ ପ୍ରୋତ୍ସାହିତ କରିବ ବୋଲି କୁହାଯାଇଛି ।

ଜାତୀୟ ଯୁବ ମହୋତ୍ସବ ଆୟୋଜନର ୨୫ବର୍ଷ ପୁରୁଣା ପରମ୍ପରାକୁ ଏକ ନୂତନ ରୂପ ଦିଆଯାଇ ବିକଶିତ ଭାରତ ଯୁବ ନେତୃତ୍ୱ ବାର୍ତ୍ତାଳାପ ଅନୁଷ୍ଠିତ ହେଉଛି ।

ଏଥିରେ କୌଣସି ରାଜନୈତିକ ସଂପୃକ୍ତି ନଥାଇ ଯୁବ ପିଢ଼ିକୁ ବିକଶିତ ଭାରତ ପାଇଁ ସେମାନଙ୍କ ଚିନ୍ତାଧାରା ପ୍ରକାଶ ନିମନ୍ତେ ଏହା ଏକ ପ୍ରକୃଷ୍ଟ ମଞ୍ଚ ବୋଲି କୁହାଯାଇଛି ।

## ଶହା-ଡ୍ରଗସ୍‌ଥ

ଦେଶରେ ନିଶା ବିରୋଧୀ ଅଭିଯାନକୁ ସଫଳ କରିବା ଲାଗି କେନ୍ଦ୍ର ସରକାରଙ୍କ ସହିତ ମିଳିତ ପ୍ରଚେଷ୍ଟା କରିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ

ଶାହା ରାଜ୍ୟ ସରକାରମାନଙ୍କୁ ଆହ୍ୱାନ ଦେଇଛନ୍ତି । ଦେଶରୁ ୧ କିଲୋ ନିଶାଦ୍ରବ୍ୟ ମଧ୍ୟ ଦେଶ ମଧ୍ୟରେ କିମ୍ବା ବାହାରକୁ ଚୋରା ଚାଲାଣ ଲାଗି ଅନୁମତି ଦିଆଯିବ ନାହିଁ ବୋଲି ଶ୍ରୀ ଶାହା ସ୍ପଷ୍ଟ କରିଛନ୍ତି । ଆଜି ନୂଆଦିଲ୍ଲୀଠାରେ ନିଶାଦ୍ରବ୍ୟ ଚୋରା ଚାଲାଣ ଓ ଜାତୀୟ ନିରାପତ୍ତା ଉପରେ ଆଧାରିତ ଆଞ୍ଚଳିକ ସମ୍ମିଳନୀରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଦେଶରେ ଗତ ୧୦ ବର୍ଷ ମଧ୍ୟରେ ୭ ଗୁଣ ଅଧିକ ନିଶାଦ୍ରବ୍ୟ ଜବତ ହୋଇଛି । ଗତ ଏକ ଦଶନ୍ଧି ମଧ୍ୟରେ ୫୬ ହଜାର ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ନଷ୍ଟ କରାଯାଇଛି । କେବଳ ଗତବର୍ଷ ୧୬ ହଜାର ୯୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ନିଶାଦ୍ରବ୍ୟ ଜବତ କରାଯାଇଛି, ଯାହାକି ସ୍ୱାଧୀନତା ପରଠାରୁ ସର୍ବୋଚ୍ଚ ପରିମାଣର ଜବତ ନିଶାଦ୍ରବ୍ୟ । ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏନ୍.ସି.ବି. ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶବ୍ୟାପି ନିଶାଦ୍ରବ୍ୟ ବିରୁଦ୍ଧରେ ହେଉଥିବା ସଂଗ୍ରାମକୁ ଇତିମଧ୍ୟରେ ଏକ ନୂତନ ଶକ୍ତି ମିଳିଛି । ଦେଶ ବ୍ୟାପି ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ଏବଂ ପୋଲିସ ପକ୍ଷରୁ ଏହି କ୍ଷେତ୍ରରେ ଅନେକ ଶକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହାକି ଭବିଷ୍ୟତରେ ଯୁବବର୍ଗଙ୍କୁ ସଶକ୍ତ କରିବା ସହିତ ଏକ ନିଶାମୁକ୍ତ ସମାଜ ଗଠନ ଦିଗରେ ସହାୟକ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

ଉତ୍ତର ଭାରତର ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନିଶାଦ୍ରବ୍ୟ କାରବାର ରୋକିବା ଏବଂ ଜାତୀୟ ନିରାପତ୍ତା ଉପରେ ଏହାର ପ୍ରଭାବକୁ ଦୂର କରିବା ଦିଗରେ ଗୁରୁତ୍ୱ ଦେବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଶ୍ରୀ ଶାହା ନିଶାଦ୍ରବ୍ୟ ଚୋରାଚାଲାଣ ରୋକିବା ଲାଗି ଉଦ୍ଦିଷ୍ଟ ମାନସ-୨ ହେଲ୍ପଲାଇନ୍‌ର ସମ୍ପ୍ରସାରଣକୁ ଉଦ୍‌ଘାଟନ କରିଛନ୍ତି । ଏହି ସମ୍ମିଳନୀ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ପିଏମ୍ ମୋଦି-ଫ୍ରାନ୍ସ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମାସରେ ହେବାକୁ ଥିବା କୃତ୍ରିମ ବୁଦ୍ଧିମତ୍ତା ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଫ୍ରାନ୍ସ ଗସ୍ତ କରିବେ । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ରାଷ୍ଟ୍ରଦୂତ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆଗାମୀ ଏ.ଆଇ. ଶିଖର ସମ୍ମିଳନୀକୁ ବିଭିନ୍ନ ଦିଗରୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଏହି ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋଚନା କରାଯିବ । ଏହି ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଯୋଗଦେବେ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ନିଶ୍ଚିତ କରିଛନ୍ତି । ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା ସଂପନ୍ନ ପ୍ରମୁଖ ଦେଶଗୁଡ଼ିକ ନିଜର ଭବିଷ୍ୟତ ଯୋଜନା

ସଂପର୍କରେ ଏହି ସମ୍ମିଳନୀରେ ମତବ୍ୟକ୍ତ କରିପାରିବେ ବୋଲି କୁହାଯାଇଛି ।

## ପୁନେ-ଅଶ୍ୱିନୀ ବୈଷ୍ଣବ

ସେମିକଣ୍ଡକ୍ଟର ଓ ଚିପ୍‌ର ବିକାଶ ଲାଗି ମହାରାଷ୍ଟ୍ରର ରଞ୍ଜନ ଗାଓଁ ଠାରେ ଏକ ଇଲେକ୍ଟ୍ରୋନିକ୍ କ୍ଲଷ୍ଟର୍ ସ୍ଥାପନ କରାଯିବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଆଜି ପୁନେ ସ୍ଥିତ ରାଷ୍ଟ୍ରାୟତ ଉଦ୍ୟୋଗ ସି-ଡାକ୍ ପରିଦର୍ଶନ କରି ଏହାର ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ସେ ଏହା କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି,  ଏଠାରେ ଉତ୍ପାଦନ ହେବାକୁ ଥିବା ସେମିକଣ୍ଡକ୍ଟର ଗୁଡ଼ିକ ବିଭିନ୍ନ ଇଲେକ୍ଟ୍ରୋନିକ୍ କମ୍ପାନୀକୁ ଯୋଗାଇ ଦିଆଯିବ । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ସି-ଡାକ୍ ଏବଂ ନୋଭା ବିକାଶ ବୋର୍ଡ ପକ୍ଷରୁ ବିକଶିତ କରାଯାଇଥିବା ଏକ ନୂତନ ଚିପ୍‌କୁ ଉନ୍ମୋଚନ କରିଛନ୍ତି ।

## ଇଣ୍ଡିଆ-ଶ୍ରୀଲଙ୍କା

କଲମ୍ବୋ ସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ପକ୍ଷରୁ ପ୍ରଥମଥର ଲାଗି ଭାରତ-ଶ୍ରୀଲଙ୍କା ଭାଗିଦାରୀର ଉଚ୍ଚସ୍ତରୀୟ ରାଉଣ୍ଡଟେବୁଲ୍ ବୈଠକ

ସେଠାରେ ଆୟୋଜିତ ହୋଇଯାଇଛି । ଏହି ବୈଠକରେ ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା ଏହି ଦୁଇ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ଅଧିକ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହାଛଡ଼ା ଦୁଇପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଦୁଇ ଦେଶର ନୀତିନିର୍ଦ୍ଧାରକ, ବିଶେଷଜ୍ଞମାନେ ଏଥିରେ ଅଂଶଗ୍ରହଣ କରି ନିଜନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିଛନ୍ତି । ଏହି ବୈଠକରେ ବିଶେଷ କରି ଭୂ-ରାଜନୈତିକ ସ୍ଥିତି, ଦୁଇ ଦେଶ ମଧ୍ୟରେ ରାଜନୈତିକ ସମ୍ପର୍କ, ଆପୋଷ ସୁରକ୍ଷା ଓ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋଚନା କରାଯାଇଛି ।

## ସିଙ୍ଗାପୁର ପ୍ରେସିଡେଣ୍ଟ-ଇଣ୍ଡିଆ ଭିଜିଟ୍

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ସାନ୍‌ମୁର୍ଗାରତନମ ଆସନ୍ତା ୧୪ ତାରିଖରୁ ଭାରତ ଗସ୍ତରେ ଆସୁଛନ୍ତି । ୧୦ବର୍ଷ ମଧ୍ୟରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କର ଏହା ପ୍ରଥମ ସରକାରୀ ଭାରତ ଗସ୍ତ । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ତାଙ୍କର ଏହି ଭାରତ ଗସ୍ତ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ୬୦ ବର୍ଷ ପୂର୍ତ୍ତିର ପ୍ରତୀକ ହେବ । ଏହି ଅବସରରେ ସେ ନୂଆଦିଲ୍ଲୀ ଏବଂ ଓଡ଼ିଶା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ବୈଶ୍ୱିକ ପ୍ରସଙ୍ଗ ନେଇ ସିଙ୍ଗାପୁର ରାଷ୍ଟ୍ରପତି ଆଲୋଚନା କରିବେ ।

# ହଜ୍

ହଜ୍ ୨୦୨୫ ଲାଗି ବିଭିନ୍ନ ରାଜ୍ୟରୁ ମୋଟ୍ ୩ ହଜାର ୬୭୬ଟି ଆବେଦନକାରୀଙ୍କ ଲାଗି ପ୍ରୋଭିଜନାଲ୍ ଆସନ ମଞ୍ଜୁର କରାଯାଇଛି । ଭାରତର ହଜ୍ କମିଟି ପକ୍ଷରୁ ଆଜି ଚଳିତ ବର୍ଷ ହଜ୍ ଲାଗି ଜାରି କରାଯାଇଥିବା ଦ୍ୱିତୀୟ ୱେଟିଂ ଲିଷ୍ଟ୍‌ରୁ ଏହି ସୂଚନା ମିଳିଛି । କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତା ୨୩ ତାରିଖ ସୁଦ୍ଧା ୨ଲକ୍ଷ ୭୨ ହଜାର ୩୦୦ ଟଙ୍କା ହଜ୍ ଅର୍ଥ ଦାଖଲ କରିବା ଲାଗି ସମ୍ପୃକ୍ତ ଆବେଦନକାରୀଙ୍କୁ କୁହାଯାଇଛି । ଏହି ଅର୍ଥ ସହିତ ହଜ୍ ଯାତ୍ରା ଲାଗି ଆବଶ୍ୟକ ଅନ୍ୟାନ୍ୟ ଦସ୍ତାବିଜ୍ ମଧ୍ୟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

# ଆସାମ କୋଲ୍ ମାଇନ୍ ଆକ୍ସିଡେଣ୍ଟ

ଆସାମର ବନ୍ୟା ପ୍ଲାବିତ ଉମରାଙ୍ଗସୋ କୋଇଲା ଖଣିରେ ପ୍ରାୟ ୧୪୪ ଘଣ୍ଟା ପରେ ଆଜି ଆଉ ତିନିଜଣ ଶ୍ରମିକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ଦିମା ହାସାଓ ଜିଲ୍ଲା ଅନ୍ତର୍ଗତ  ଏହି କୋଇଲା ଖଣି ଗତ ସୋମବାର ଦିନ ହଠାତ୍ ଜଳ ପ୍ଲାବିତ ହେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ନୌସେନା, ସ୍ଥଳସେନା, ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍., ଓ.ଏନ୍.ଜି.ସି., କୋଲ ଇଣ୍ଡିଆ ଏବଂ ଜିଲ୍ଲା ପ୍ରଶାସନ

ପକ୍ଷରୁ ମିଳିତ ଭାବେ ସେଠାରେ ଉଦ୍ଧାର ପ୍ରକ୍ରିୟା ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୫ ଜଣ ଶ୍ରମିକ ନିଖୋଜ ରହିଥିବା ଜଣାପଡ଼ିଛି । ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ୍ କରାଯାଇଛି ।

## କଲମ୍ବିଆ-ଏୟାର୍‌କ୍ରାଫ୍ଟ କ୍ରାସ୍

କଲମ୍ବିଆ ଉତ୍ତର-ପଶ୍ଚିମାଞ୍ଚଳର ଉରାଓ ଠାରେ ଏକ ବିମାନ ଦୁର୍ଘଟଣାରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ଏହି ଘଟଣାର ତଦନ୍ତ କରୁଥିବା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ବିମାନ ମଧ୍ୟରେ ଦୁଇ ଜଣ କ୍ରିୟୁ ସଦସ୍ୟ ଓ ୮ ଜଣ ଯାତ୍ରୀ ଥିଲେ । କଲମ୍ବୋର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଦୁର୍ଘଟଣାର କାରଣ ଜାଣିବା ଲାଗି ତଦନ୍ତ ଜାରି ରଖିଛନ୍ତି ।

## ଛତିଶଗଡ଼-ଆକ୍ସିଡେଣ୍ଟ

ଛତିଶଗଡ଼ର ମୁଙ୍ଗେଲି ଜିଲ୍ଲାର ରାମବୋଦ ଗ୍ରାମରେ ଥିବା ଏକ ସ୍ମେଲ୍ଟିଂ ପ୍ଲାଣ୍ଟ୍‌ରେ ଦୁର୍ଘଟଣାରେ ତିନି ଜଣ ଶ୍ରମିକଙ୍କ ମୃତ ଦେହ ଉଦ୍ଧାର କରାଯାଇଛି । ୩୫୦ ଟନ୍‌ରୁ ଊର୍ଦ୍ଧ୍ୱ ଓଜନ ବିଶିଷ୍ଟ ଏହି ସ୍ମେଲ୍ଟିଂ ପ୍ଲାଣ୍ଟର

ଫ୍ଲାୟଆସ୍ ଭଣ୍ଡାର ଭୁଶୁଡ଼ି ପଡ଼ିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ମୋଟ୍ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି ।

## ବ୍ୟାଡ୍‌ମିଣ୍ଟନ୍

ମାଲେସିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରୁ ଭାରତୀୟ ଯୋଡ଼ି ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଓ ଚିରାଗ୍ ସେଟ୍ଟୀ ବାଦ୍ ପଡ଼ିଛନ୍ତି । ଆଜି କ୍ୱାଲାଲାମ୍ପୁର ଠାରେ ଅନୁଷ୍ଠିତ ପୁରୁଷ ଡବଲ୍ସବର୍ଗ ସେମିଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ିଙ୍କୁ ଦକ୍ଷିଣ କୋରିଆର ସିଓ ସିଉଙ୍ଗ୍-ଜେ ଏବଂ କିମ୍ ଓନ୍-ହୋଙ୍କ ଯୋଡ଼ି ୧୦-୨୧, ୧୫-୨୧ ସେଟ୍‌ରେ ପରାସ୍ତ କରିଛନ୍ତି । ପୂର୍ବରୁ କ୍ୱାର୍ଟର ଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ମାଲେସିଆର ୟେ-ସିନ୍-ଅଙ୍ଗ୍ ଏବଂ ଏ-ଓ୍ୱି-ଟିଓଙ୍କ ଯୋଡ଼ିକୁ ୨୬-୨୪ ଓ ୨୧-୧୫ ସେଟ୍‌ରେ ପରାସ୍ତ କରି ସେମିଫାଇନାଲ୍‌କୁ ଉନ୍ନିତ ହୋଇଥିଲେ ।

## ହକି ଇଣ୍ଡିଆ ଲିଗ୍

ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମଠାରେ ଚାଲିଥିବା ହକି ଇଣ୍ଡିଆ ପ୍ରତିଯୋଗିତାର ଆଜି ସନ୍ଧ୍ୟା ୬ଟାରେ ଆରମ୍ଭ ହୋଇଥିବା ପ୍ରଥମ ମ୍ୟାଚ୍‌ରେ ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ

ହାଇଦ୍ରାବାଦ ତୋଫାନ୍ସ ଓ ସୁର୍ମା ହକି କ୍ଲବ୍ ମଧ୍ୟରେ ମୁକାବିଲା ଜାରି ରହିଛି । ରାତି ୮ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ଏକ ମ୍ୟାଚ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଓ ୟୁପି ରୁଦ୍ରାସ୍ ମଧ୍ୟରେ ମୁକାବିଲା ହେବ ।

ଗତକାଲି ସନ୍ଧ୍ୟାରେ ତାମିଲନାଡୁ ଡ୍ରାଗନ୍ସ ୨-୧ ଗୋଲ୍‌ରେ ପ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସଙ୍କୁ ପରାସ୍ତ କରିଛି ।